
ISSN: 2456-9194, Vol. IV, Issue. I, June 2020

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ନାରୀବାଦୀ ଚିନ୍ତନ ପରିଧି: ମିଥ୍‌ର ପୁନର୍ମୂଲ୍ୟାୟନ

## (ପ୍ରସଙ୍ଗ : ୧୯୮୦ ପରବର୍ତ୍ତୀ ଓଡ଼ିଆ ଲେଖିକାଙ୍କ ଉପନ୍ୟାସ)

**ଲୋପାମୁଦ୍ରା ସ୍ୱାଇଁ**

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ସରକାରୀ ମହାବିଦ୍ୟାଳୟ, କୋରାପୁଟ

E-mail: swainlopamudra38@gmail.com

***ସଂକ୍ଷିପ୍ତ ସାର:*** *ନାରୀବାଦର ଚୌହଦୀରେ ଉପସଂସ୍କୃତି ଗଠନ ମାନସିକତା ନେଇ ଅଧୁନା ନାରୀ ସ୍ରଷ୍ଟା ଆପଣାର ଏକ ସ୍ୱତନ୍ତ୍ର ସରଣୀ ତିଆରିବାରେ ଲାଗିଛି। ଉତ୍ତର ଅଶୀ ସମୟରେ ସାହିତ୍ୟ କ୍ଷେତ୍ରରେ ନାନା ପରୀକ୍ଷା ନିରୀକ୍ଷା ଏଥିପାଇଁ ତାକୁ ଦେଇଛି ଏକ ବ୍ୟାପ୍ତ ପରିସର। ପୁରୁଣା ପ୍ରସଙ୍ଗକୁ ନୂଆ ଦୃଷ୍ଟିଭଙ୍ଗୀ ନେଇ ତଉଲିବା ସହିତ ମିଥ୍‌ର ପୁନର୍ମୂଲ୍ୟାୟନ ଏହି ସମୟର ଅନ୍ୟତମ ବୈଶିଷ୍ଟ୍ୟ। ସମ୍ପ୍ରତି ନାରୀ ବିମର୍ଶ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଲେଖିକା ମିଥ୍‌ର ପୁନର୍ମୂଲ୍ୟାୟନ ମାଧ୍ୟମରେ ଉପସ୍ଥାପିତ କରିଛି; ଯାହା ନାରୀବାଦୀ ସାହିତ୍ୟ ଓ ସମାଲୋଚନା କ୍ଷେତ୍ରକୁ ନୂତନ ଏକ ଦିଶା ଦେଖାଇଛି।*

***ମୂଳ ଶବ୍ଦ :*** *ନାରୀ ବିମର୍ଶ, ମିଥ୍‌ର ପୁନର୍ମୂଲ୍ୟାୟନ, ଉତ୍ତର ଅଶୀ ସମୟ, ଓଡ଼ିଆ ଲେଖିକାଙ୍କ ଉପନ୍ୟାସ*

'ନାରୀ ମାୟା ଦେବେ ଅଗୋଚର' – ଏହି ମିଥୀୟ ଅବଧାରଣା କାହିଁ କେତେ କାଳରୁ ନାରୀ ପ୍ରତି ରହିଆସିଛି। ପୁରୁଷ ସ୍ରଷ୍ଟାଙ୍କଦ୍ୱାରା ରଚିତ ରାମାୟଣ, ମହାଭାରତ ଭଳି ବିଭିନ୍ନ ପୁରାଣାଦିରେ ନାରୀର ହୃଦୟକୁ ରହସ୍ୟମୟ ବୋଲି ବର୍ଣ୍ଣନା କରାଯାଇଛି । କହିବା ବାହୁଲ୍ୟ ଅତି ଚତୁରତାର ସହିତ ନାରୀକୁ ରହସ୍ୟମୟୀ ଭାବରେ ଅବତାରଣା କରି ଯୁଗେ ଯୁଗେ କିନ୍ତୁ ପୁରୁଷ ପାଖରେ ତା'ର ସତୀତ୍ୱ ଓ ପବିତ୍ରତାର ପରୀକ୍ଷା କରାଯାଇଛି। କେତେବେଳେ ସେ ଅଗ୍ନିପରୀକ୍ଷା ଦେଇଛି ତ କେତେବେଳେ ଭରା ରାଜସଭାରେ ହୋଇଛି ବିବସନା। ପୁଣି କେତେବେଳେ ଚରିତ୍ରହୀନାର ଟୀକା ପିନ୍ଧାଇ ଦିଆଯାଇଛି। ପ୍ରତି ଯୁଗରେ ନାରୀକୁ ମାତା, ପତ୍ନୀ, କନ୍ୟା, ଭଗିନୀ, ପ୍ରେମିକା ଆଦି ପ୍ରତିଟି ରୂପରେ ପୁରୁଷନିୟନ୍ତ୍ରିତ ସମାଜ ଦ୍ୱାରା ଲାଞ୍ଛନା ଭୋଗ କରିବାକୁ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠେ ଯେ , ନାରୀର ଦେହ ଓ କାର୍ଯ୍ୟକଳାପ ଉପରେ ପୁରୁଷର ଅଙ୍କୁଶ ରହି ଆସିଥିଲାବେଳେ ପୁରୁଷ ପାଖରେ ନାରୀର ହୃଦୟଟି ଅଜଣା ବା ରହସ୍ୟମୟ କିପରି? ଅପିତୁ ଏପରି କୁହାଯାଇପାରେ ଯେ, ସମାଜରେ ଉଦାସୀନ ପୁରୁଷ କେବେ ବି ନାରୀର ହୃଦୟକୁ ପଢିବାର ଆବଶ୍ୟକତା ମନେ କରିନାହିଁ। ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରୟେଡ୍ ମଧ୍ୟ ନାରୀ ହୃଦୟରୁ ସେହି ପରଦା ଉଠେଇବାକୁ ଚେଷ୍ଟା କରି ସଫଳ ହୋଇପାରି ନାହାନ୍ତି। ସେଥିପାଇଁ ନାରୀ ସ୍ରଷ୍ଟା ବର୍ତ୍ତମାନ ନିଜର ସେହି ଅବଦମିତ ହୃଦୟର ଭାଷାକୁ ଦୁନିଆ ଆଗରେ ଖୋଲିଦେବାପାଇଁ ଅଣ୍ଟା ଭିଡ଼ିଛି। ଆପଣା ଅନ୍ତଶ୍ଚେତନା ପ୍ରତି ସଜାଗ ରହି ଅନାଦି କାଳରୁ ରୁଦ୍ଧ ହୋଇ ରହିଥିବା ମନ-ମସ୍ତିକର ଦ୍ୱାର ଖୋଲିବାର ପ୍ରୟାସ କରିଚାଲିଛି। ଅଧୁନା ସେ ସମାଜ, ଇତିହାସ ତଥା ସଂସ୍କୃତିର ମୁକ୍ତ ବ୍ୟାଖ୍ୟା କେବଳ କରୁନାହିଁ, ବରଂ ତା'ର ପୁନର୍ମୂଲ୍ୟାଙ୍କନ ନିମନ୍ତେ ନୂଆ ନୂଆ ବାଟର ସନ୍ଧାନ ମଧ୍ୟ କରୁଛି। କାହିଁ କେଉଁ କାଳରୁ ନାରୀ "ଦେବୀରୁ ମାନବୀର ଛବି ଅର୍ଜନ ନିମନ୍ତେ ସଂଘର୍ଷ କରୁଛି।" (୧)

ନାରୀକୁ ନେଇ ସାହିତ୍ୟ ସର୍ଜନାର ଇତିହାସକୁ ଅନୁଧ୍ୟାନ କଲେ ଦେଖିବାକୁ ମିଳେ ଯେ ଭାରତୀୟ ସାହିତ୍ୟ, ଦର୍ଶନ, ଇତିହାସ ଏବଂ ଧର୍ମଶାସ୍ତ୍ରମାନଙ୍କରେ ନାରୀ ନିମିତ୍ତ ଚିନ୍ତନର ଏକ ସୁଦୀର୍ଘ ରୂଢିବାଦୀ ପରମ୍ପରା ରହି ଆସିଛି। ଏହି ପରମ୍ପରାରେ ନାରୀର ସଂପୂର୍ଣ୍ଣ ସତ୍ତାକୁ ଭୋଗ୍ୟା, ଅବଳା, ଲଳନା, କାମିନୀ, ରମଣୀ ଆଦି ବିଶେଷଣ ସହିତ ହେୟ ତଥା ପୁରୁଷ-ସାପେକ୍ଷ ଏକ ରୂପ

ଭାବରେ ଚିତ୍ରିତ କରାଯାଇଛି। ଏହାର ପ୍ରମୁଖ କାରଣ ହେଉଛି, ସେ ସମୟର ଅଧିକାଂଶ ରଚୟିତା ଏବଂ ଟୀକାକାର ଥିଲେ ପୁରୁଷ। ଅନ୍ୟ ପକ୍ଷରେ ସମାଜରେ ପିତୃସତ୍ତାତ୍ମକ ବ୍ୟବସ୍ଥା ବିଧାନ ଯୋଗୁଁ ପୁରୁଷର ସମସ୍ତ ସୃଷ୍ଟିରେ ଲେଖକର ଦୃଷ୍ଟିନେଇ ନାରୀ ଚରିତ୍ରର ସର୍ଜନା କରାଯାଇଥିଲା। ସେଥିପାଇଁ ପୁରୁଷର ଶ୍ରେଷ୍ଠତା, ସମ୍ମାନ, ସ୍ଥାନ, ଶକ୍ତି, ଅଧିକାର ଓ ସ୍ୱାର୍ଥର ରକ୍ଷା ନିମନ୍ତେ ଧର୍ମଶାସ୍ତ୍ରମାନଙ୍କରେ ଅନେକ ଆପ୍ତବଚନ, ସୂତ୍ର, ଶ୍ଳୋକାଦିର ରଚନା କରାଯାଇଥିଲା ; ଯାହାକି ନାରୀ ଜୀବନ ପାଇଁ ବିବିଧ ଅର୍ଗଳିମାନ ତିଆରିବାରେ ଲାଗିଲା। (୨) ଦୀର୍ଘ ବର୍ଷ ଧରି କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ସାମନ୍ତବାଦୀ ଚିନ୍ତାଧାରା ଓ ସାମନ୍ତବାଦକୁ ପ୍ରୋତ୍ସାହିତ କରୁଥିବା ଏକ Super structure ତା'ର କାୟା ବିସ୍ତାର କରିଛି; ଯାହା ଏବେ ବି ଉହ୍ୟ ଭାବରେ ସମାଜରେ ନାରୀକୁ ପୁରୁଷର ଏକ ଆମୋଦପ୍ରିୟ, ପୁରୁଷ-ନିର୍ଭରଶୀଳ ଦ୍ୱିତୀୟକ ନାଗରିକ ଭାବରେ ଉପସ୍ଥାପିତ କରିଚାଲିଛି। ଏହାର ମୂଳରେ ରହିଛି ଧର୍ମ ଏବଂ ତଦ୍‌ଜନିତ ରୂଢିବାଦୀ ଚିନ୍ତାଧାରା। ଏହି ଧର୍ମକୁ କେନ୍ଦ୍ର କରି ରଚିତ କାବ୍ୟ, ମହାକାବ୍ୟ, ଇତିହାସାଦି ପ୍ରତି ମୁହୂର୍ତ୍ତରେ ଉଭୟ ନାରୀ ଏବଂ ପୁରୁଷକୁ ପ୍ରୋତ୍ସାହନ ଦେଇଚାଲିଛି ପ୍ରଚଳିତ ବ୍ୟବସ୍ଥାର ସାଧାରଣୀକରଣ କରିବା ତଥା ତା'ର ସ୍ଥାୟିତ୍ୱ ନିର୍ମାଣ ପାଇଁ। ଧିରେ ଧିରେ ଏସବୁରେ ନାରୀକୁ ଘେନି ସୃଷ୍ଟ ଅବଧାରଣାଗୁଡ଼ିକ ମିଥ୍‌ର ରୂପ ପରିଗ୍ରହଣ କରିଛି। ପରବର୍ତ୍ତୀ ସମୟରେ ଏହି ମିଥ୍ ପ୍ରକ୍ରିୟାଟି କେବଳ ସହର ବା ଗ୍ରାମ ସଭ୍ୟତାରେ ବସବାସ କରୁଥିବା ନାରୀ ନିମନ୍ତେ ଉଦ୍ଦିଷ୍ଟ ନହୋଇ ସାମଗ୍ରିକ ଭାବରେ ନାରୀର ଅନ୍ତରୀଣ ବିକାଶ ପଥରେ ଅନ୍ତରାଳ ସୃଷ୍ଟି କରିଛି।

'ମନୁସ୍ମୃତି' ରେ ଲେଖାଯାଇଛି – "ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ, ରକ୍ଷତି ସ୍ଥବିରେ ପୁତ୍ରା, ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।।" ପୁଣି ସ୍ଥାନେ ମନୁ କହିଛନ୍ତି – "କାର୍ଯ୍ୟେସୁ ଦାସୀ, କର୍ଣ୍ଣେସୁ ମନ୍ତ୍ରୀ। ଭୋଜ୍ୟେସୁ ମାତା, ଶୟନେ ସୁ ରମ୍ଭା। କ୍ଷମୟା ଧରିତ୍ରୀ।।" (ମନୁସ୍ମୃତି, ନବମ ଅଧ୍ୟାୟ, ଶ୍ଲୋକ-୦୩)ଏବଂ କାଳେ କାଳେ ଏହାକୁ ନାରୀ ଜୀବନର ଆଦର୍ଶ ବୋଲି ମାନି ନିଆ ଯାଇଛି। ସେହିପରି ଇତିହାସରେ ଘଟିଥିବା ସମସ୍ତ ଯୁଦ୍ଧ ପଶ୍ଚାତ୍‌ରେ ନାରୀର କୂଟ ଚକ୍ରାନ୍ତ, କପଟୀ ଭାବରେ ବର୍ଣ୍ଣିତ ହୋଇଥିବା ପ୍ରସଙ୍ଗ ମଧ୍ୟ ଅଗୋଚର ନୁହେଁ । ଅତୀତ ଇତିହାସରେ ବହୁ ବୀର ରମଣୀ ଆପଣାର ବୁଦ୍ଧି ଏବଂ ରଣକୌଶଳ ବଳରେ କେତେକେତେ ମହାସମରରେ ରାଜ୍ୟ ତଥା ଦେଶକୁ ବିଜୟର ଟୀକା ପିନ୍ଧାଇଥିବା ବେଳେ ଜଣେ ରାଜା ବା ପୁରୁଷର ଗୌରବ କାହାଣୀ ଯେପରି ଭାବରେ ଇତିହାସର ଅଙ୍କ ମଣ୍ଡନ କରିଛି, ଜଣେ ନାରୀ ଯୋଦ୍ଧା ସମପରିମାଣରେ ସମ୍ମାନ ପାଇପାରି ନାହିଁ। ଶାସ୍ତ୍ର ପୁରାଣରେ,ସାହିତ୍ୟରେ ନାରୀକୁ ଦେବୀ, ଦୟାଶୀଳା, ସର୍ବଂସହା, କ୍ଷମାମୟୀ କରି ଗଢିବା ପଛରେ ଲେଖକମାନଙ୍କର ଯେଉଁ ଲିଙ୍ଗରାଜନୀତି ରହିଛି, ତାହା ବିରୁଦ୍ଧରେ ପ୍ରତିବାଦ କରିଛି ଆଜିର ଲେଖିକା। ପିତୃତାନ୍ତ୍ରିକ ସମାଜରେ ମିଥ୍‌ର ଗଠନ ପ୍ରକ୍ରିୟା ଏବଂ ଲିଙ୍ଗ ରାଜନୀତି ସଂପର୍କରେ ଯଶୋଧାରା ବାଗ୍‌ଚୀ କହନ୍ତି – "The gender construction that it achieved through the dominant myth of Indian womanhood may well be read as the formula for class/caste hegemony of modern India." (୩)

ଉତ୍ତର ଅଶୀ ସମୟ ଦେଇଛି ତାକୁ ବ୍ୟାପ୍ତ ଏକ ପରିସର। ଏହି ସମୟ ସାହିତ୍ୟରେ ନାନା ପରୀକ୍ଷା ନିରୀକ୍ଷାର ସମୟ। ଭିନ୍ନ ରୁଚି ନେଇ ବିଭିନ୍ନ ତତ୍ତ୍ୱ ଓ ମତବାଦ ଭିତ୍ତିରେ ସାହିତ୍ୟକୁ କଳିବାର ସମୟ। ସଂରଚନାବାଦ, ବିଗଠନବାଦ, ନବ୍ୟ ଇତିହାସବାଦ ଓ ମିଥ୍‌ର ପୁନର୍ମୂଲ୍ୟାୟନ ମଧ୍ୟରେ ସଂପ୍ରତି ନାରୀବାଦୀ ସାହିତ୍ୟ ସମାଲୋଚନା ତା'ର ନୂଆ ଏକ ସରଣୀ ସୃଷ୍ଟି କରିଛି। ଯେଉଁଠି ଆବଶ୍ୟକତା ପଡ଼ିଛି ଏ ସମସ୍ତ ସାହିତ୍ୟ ତତ୍ତ୍ୱ ଓ ବିଚାର ଏକାକାର ହୋଇଥିବା ମଧ୍ୟ ଲକ୍ଷ୍ୟଣୀୟ। ସମଗ୍ର ଭାରତୀୟ ସାହିତ୍ୟରେ ଉତ୍ତର ଅଶୀ କାଳରେ ନାରୀବାଦର ସ୍ୱରଗତ ବୈଶିଷ୍ଟ୍ୟ ଦେଖାଦେଇଛି। ନାରୀର ଜୀବନ-ଯନ୍ତ୍ରଣାକୁ ବର୍ତ୍ତମାନର ସମୟ ପରିପ୍ରେକ୍ଷୀରେ ଆଙ୍କିବାକୁ ମିଥ୍‌ର ମୂନର୍ମୂଲ୍ୟାୟନରେ ସାହିତ୍ୟ ରଚନା କରିଛନ୍ତି ଏ ସମୟର ଲେଖିକାଗଣ।

ଆଧୁନିକ କାଳରେ ସମୟ ବଦଳିବା ସହିତ ଶିକ୍ଷାର ଆଲୋକ କ୍ରମଶଃ ପ୍ରବେଶ କରିବା ସଙ୍ଗେ ସଙ୍ଗେ ନାରୀ ଦେହରେ ପଶ୍ଚିମ ଆଡ଼ୁ ବହି ଆସୁଥିବା ପବନ ବାଜିଛି ଏବଂ ତା'ର ମୂର୍ଚ୍ଛିତ ଆତ୍ମା ସଶକ୍ତ ହୋଇଉଠିଛି। କିନ୍ତୁ ତା'ର ସ୍ୱର ଉତ୍ତୋଳନ କରିବାର ସାମର୍ଥ୍ୟ ସେ ତଥାପି ଏକଜୁଟ କରିପାରିନି। ଏହାର କାରଣ ଦର୍ଶାଇ ସରଳା ଦେବୀ କହନ୍ତି –"ସନାତନୀମାନେ ଯେତେବେଳେ ଧର୍ମର ଛଦ୍ମ ପତାକା ଉଡ଼ାଇ ସ୍ୱାର୍ଥସିଦ୍ଧି ଭାଣରେ ରାଜନୀତିର ମସ୍‌ନଦରେ ବସନ୍ତି, କି ବସିବାର ପ୍ରୟାସ କରନ୍ତି, ସେତେବେଳେ ନାରୀର ପ୍ରମାଦ ସବୁଠାରୁ ବଳିଯାଏ । ବର୍ତ୍ତମାନ ତାହା ହିଁ ହୋଇଛି। ନାରୀ ଜୀବନରେ ସୂର୍ଯ୍ୟାଲୋକ ପ୍ରବେଶ କରିବାର ଯେତେଗୁଡ଼ିଏ ବାତାୟନ ଅଛି, ସେହି ସବୁକୁ ସଂହିତାକାରଙ୍କ ବିଧି ନିଷେଧରୁ ଆଇନର କିଳିଣିରେ କିଳି ନଦେଲେ ଜାତିର 'ସ୍ୱରାଜ୍ୟ ଲାଭ' ଅସମ୍ଭବ ବୋଲି ମନୁ ପରାଶରଙ୍କର ଆଧୁନିକ ସଂସ୍କରଣମାନେ କହୁଛନ୍ତି।" (୪) ଏଠାରେ ଲକ୍ଷ୍ୟ କରିବାର କଥା ଲେଖିକାଙ୍କ ଶାଣିତ ବକ୍ତବ୍ୟକୁ। କେବେ କେହି ବିଚାର କରିନି ଆଜି ଯେଉଁ ନାରୀବାଦ, ନାରୀ-ପୁରୁଷ ସୃଷ୍ଟିର ଦୁଇ ସୁନ୍ଦର ସଂରଚନା ମଧ୍ୟରେ କିନ୍ତୁର, ସନ୍ଦେହର, ପ୍ରତିଯୋଗିତାର ଗାର ଟାଣି ଦେଇଛି ତା'ର ମୂଳ କେଉଁଠି? କେହି ବିଚାର କରୁନି ଯେ, "କାହିଁକି ଏ ଉଦ୍‌ବର୍ତ୍ତନ ? କାହିଁକି ପ୍ରଥମ ମୁକ୍ତିର ଏ ଚିତ୍ର? କାହିଁକି ନାରୀଟିଏ ପାଲୋଟି ଯାଇଛି ନୂଆନାରୀରେ ? ନୂଆ ନାରୀ – ଆମର ପରିଚିତର ବାହାରେ, ସବୁକିଛିର ଧାରଣାର ବାହାରେ, ଆକାଂକ୍ଷିତ ଆଚରଣ ଓ ଗୁଣାବଳୀର ବାହାରେ ଏକ ନାରୀ....। ସେ ପୁରୁଷର ପ୍ରାଧାନ୍ୟକୁ ଅସ୍ୱୀକାର କରେ। ସେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିବାକୁ ଚାହେଁ। ସେ ପୁରୁଷକୈନ୍ଦ୍ରିକତାକୁ ଆହ୍ୱାନ(Challenge) କରିବାକୁ ଚାହେଁ। ଏ ନୂଆନାରୀ ନିଜ ଗୋଡ଼ରେ ଛିଡ଼ା ହେବାକୁ ଚାହେଁ। ନିଜର ଅଲଗା ପରିଚୟ ତିଆରି କରିବାକୁ ଚାହେଁ, ନିଜର ଏକ ସାମାଜିକ ସ୍ଥାନ(Social status) ସେ ଚାହେଁ। "(୫) ସେ ଚାହେଁ ନିଜର ଅନ୍ତରଙ୍ଗ ଅନୁଭବର କଥା ବାଢିଦେବାପାଇଁ ସମାଜ ଆଗରେ ଏବଂ ଏ ଦିଗରେ ମଧ୍ୟ ବଳିଷ୍ଠ ତଥା ସ୍ୱତନ୍ତ୍ର ଭୂମିକା ରହିଛି ଲେଖିକାମାନଙ୍କର।

୧୯୮୦ ପରବର୍ତ୍ତୀ ସମୟଖଣ୍ଡରେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଲେଖିକାଙ୍କର ଆବିର୍ଭାବ ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ଦୃଷ୍ଟିରୁ ଲକ୍ଷ୍ୟଣୀୟ। ଏହି ସମୟରେ ନାରୀ ଲେଖନୀ ପୂର୍ବାପେକ୍ଷା ଅଧିକ ଦୃଢ ଏବଂ ଶାଣିତ ରୂପ ନେଇଥିବାର ମଧ ଦେଖାଯାଏ। ପୂର୍ବରୁ ଅପେକ୍ଷାକୃତ ଉହ୍ୟ ଏବଂ ଦୁର୍ବଳ ଭାବରେ ପ୍ରକାଶ ପାଉଥିବା ନାରୀ ମନର ସଂଗୁପ୍ତ ଚେତନାରାଜି ଏ କାଳରେ ହୋଇଛି ମୁକ୍ତ ଓ ସଚେତନ। ପୁରାଣର ପ୍ରମୁଖ ନାରୀ ଚରିତ୍ର(ଉଭୟ ନାୟିକା ଏବଂ ଖଳନାୟିକା)ମାନଙ୍କୁ ନୂତନ ମୂଲ୍ୟବୋଧର ଭିତ୍ତିରେ ଲେଖିକାମାନେ ତଉଲିଛନ୍ତି। ସେମାନଙ୍କୁ ନୂତନ ମୂଲ୍ୟବୋଧରେ ଦୀକ୍ଷିତ କରିଛନ୍ତି। ଉକ୍ତ ଚରିତ୍ର ମାନଙ୍କୁ ଲେଖକଙ୍କ କୃତିରେ ଯେଉଁ ଏକ ଉହ୍ୟ ଲିଙ୍ଗ-ରାଜନୀତିକ ଚେତନା ମଧଦେଇ ପରିଚିତ କରାଯାଉଥିଲା; ସେହି ଚେତନାର ଶୃଙ୍ଖଳ ଭେଦ କରି ଲେଖିକାଗଣ ନାରୀ ଚରିତ୍ରଙ୍କୁ ଛିଡ଼ା କରେଇଛନ୍ତି ନାରୀବାଦର ଦିଗ୍‌ବଳୟ ମଧରେ। ଯେଉଁଠି ସେମାନେ ପ୍ରଶ୍ନ କରିଛନ୍ତି ସମାଜକୁ ସେମାନଙ୍କୁ ନେଇ ରୂଢ ବିଚାରବୋଧ ସଂପର୍କରେ। ପ୍ରଶ୍ନ କରିଛନ୍ତି ଆପଣା ଅସ୍ତିତ୍ୱକୁ ନେଇ। ସେମାନଙ୍କୁ ମର୍ଯ୍ୟାଦାର ମୁକୁଟ (ସୀତା, ସାବିତ୍ରୀ,କୁନ୍ତୀ, ଦ୍ରୌପଦୀ, ଉର୍ମିଳା) ଅବା କଳଙ୍କର ଟୀକା (କୈକେୟୀ, ମନ୍ଥରା, ସୂର୍ପଣଖା) ପିନ୍ଧାଇଥିବା ସମାଜକୁ ସେ ଜବାବ ମାଗିଛନ୍ତି। ପ୍ରଥାବଦ୍ଧ ମିଥ୍‌କୁ ବଦଳୁଥିବା ନାରୀସ୍ୱରୂପର ଦୃଷ୍ଟିନେଇ ପୂନର୍ମୂଲ୍ୟାୟନ କରିଛନ୍ତି। " ବ୍ୟକ୍ତି-ସତ୍ତାର ଉତ୍ତରଣ ଏବଂ ନାରୀ ପ୍ରତି ପୁରୁଷ ସମାଜର ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ନିମନ୍ତେ ମିଥ୍‌ର ପୁନର୍ମୂଲ୍ୟାୟନର ଆବଶ୍ୟକତା ଅନୁଭବ କରିଛି ଲେଖିକା। କାରଣ ପୌରାଣିକ, ଐତିହାସିକ ତଥା କିମ୍ବଦନ୍ତୀମୂଳକ ମହାକାବ୍ୟ କିମ୍ବା ଉପନ୍ୟାସ ରଚନା କରିବା ପଛରେ ରହିଛି ପୁରୁଷର ଉଦ୍ଦେଶ୍ୟମୂଳକ ମନୋଭାବ ଯାହା ନାରୀର ଜୀବନ ଚର୍ଯ୍ୟାର ପ୍ରତିକୂଳ। "(୬) ପୁରୁଷ ସୃଷ୍ଟ ମିଥ୍ ଅନୁସାରେ ନାରୀ ତ୍ୟାଗମୟୀ, ସହନଶୀଳା, ଦୟାଶୀଳା ହେବା ପାଇଁ ବାଧ୍ୟ। ଏଥିପାଇଁ ଆପଣାର ସକଳ କାମନାକୁ ବଳିଦେବା ସତେଯେପରି ତା'ର ଜନ୍ମସିଦ୍ଧ ସଂକଳ୍ପ। ସାଧାରଣ ମଣିଷଟିଏ ପରି ତା' ଭାଗ୍ୟ ହୋଇନାହିଁ ବରଂ ଗୋଟିଏ ଆଦର୍ଶର ଖୋଳପା ଭିତରେ ଆବଦ୍ଧ କରାଯାଇଛି ତା'ର ସମଗ୍ର ବ୍ୟକ୍ତିସତ୍ତାକୁ। ପୁଣି ସେହି ପୁରାଣବର୍ଣ୍ଣିତ ନାରୀ ଚରିତ୍ରମାନଙ୍କୁ ଜୀବନରେ ଆଦର୍ଶ ଭାବରେ ଗ୍ରହଣ କରିବା ପାଇଁ ଆମ ସମାଜରେ ଝିଅଟିଏ ଜନ୍ମ ହେଲା ପରଠାରୁ ଶିକ୍ଷା ଦିଆଯାଇଥାଏ। ଜନ୍ମ ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନାରୀର ଜୀବନପଞ୍ଜୀ ଏହି ମିଥ୍‌ର ବଶବର୍ତ୍ତୀ। ତେଣୁ ନାରୀ ସଂପର୍କିତ ପୌରାଣିକ, ଐତିହାସିକ ତଥା କିମ୍ବଦନ୍ତୀମୂଳକ ମିଥ୍‌ର ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ନାରୀର ବାସ୍ତବ ସ୍ୱରୂପକୁ ଏହି ଧରଣର ଉପନ୍ୟାସରେ ପୁନର୍ବିଚାର କରିଛି ଆଜିର ଲେଖିକା। ଓଡ଼ିଆ ସାହିତ୍ୟରେ ଏହିପରି ପୁରାଣ ଓ ଇତିହାସର ନାରୀମାନଙ୍କୁ ପାଥେୟ କରି ଉତ୍ତର ଅଶୀ ସମୟରେ ଯେଉଁ କେତେଜଣ ଲେଖିକା ଉପନ୍ୟାସ ରଚନା କରିଛନ୍ତି, ସେମାନେ ହେଲେ – ପ୍ରତିଭା ରାୟ, ବିଜୟିନୀ ଦାସ, ରୋଜାଲି ନନ୍ଦ, ଶାନ୍ତି ମହାପାତ୍ର(ବଳ), ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ମମତାମୟୀ ଚୌଧୁରୀ, ଆଦି।

ମହାଭାରତର କାହାଣୀ ପୃଷ୍ଠାରୁ ଚରିତ୍ରମାନେ ଆହରିତ ହୋଇ ସ୍ଥାନ ପାଇଛନ୍ତି ଲେଖିକାଙ୍କ ଉପନ୍ୟାସରେ ନୂତନ ମୂଲ୍ୟବୋଧ ସହିତ। ପୁରାଣକୁ ସମୟର ପୃଷ୍ଠଭୂମିରେ ବିଘଟନ କରି ପ୍ରତିମୂଲ୍ୟବୋଧ ସୃଷ୍ଟି କରିବା ଦିଗରେ ପ୍ରତିଭା ରାୟ ହେଉଛନ୍ତି ଜଣେ ଲୋକପ୍ରିୟ ସ୍ରଷ୍ଟା। ତାଙ୍କର ଉପନ୍ୟାସ ଜଗତ କେବଳ ଗୁଣାତ୍ମକ ନୁହେଁ, ପରିମାଣାତ୍ମକ ଦିଗରୁ ମଧ ପରିପୁଷ୍ଟ। ଆଲୋଚ୍ୟ ବହୁ ଗଳ୍ପ ଉପନ୍ୟାସ ରଚନା କରିଥିଲେ ମଧ ପ୍ରତିଭାଙ୍କୁ ଏକ ଆନ୍ତର୍ଜାତୀୟ ସ୍ରଷ୍ଟାର ପରିଚୟ ଦେଇଛି ପୁରାଣ ଆଦାରିତ ଉପନ୍ୟାସ 'ଯାଜ୍ଞସେନୀ'(୧୯୮୪)। 'ମହାମୋହ' (୧୯୯୭) ହେଉଛି ତାଙ୍କର ଏହି ଧରଣର ଅନ୍ୟ ଏକ ଉପନ୍ୟାସ। ଉଭୟରେ ପୁରାଣ ବର୍ଣ୍ଣିତ ଦୁଇ ପ୍ରସିଦ୍ଧ ନାରୀ ଚରିତ୍ର(ଦ୍ରୌପଦୀ ଓ ଅହଲ୍ୟା) ସମାଜକୁ ପ୍ରଶ୍ନ କରିଛନ୍ତି; ଯେଉଁଥିରେ ପ୍ରତୀକିତ ହୋଇଛି ନାରୀ ଜୀବନର ସକଳ ଦୁଃଖ-ଦୈନ୍ୟ। ମହାଭାରତର ନାୟିକା କୃଷ୍ଣାଙ୍କ ଜୀବନାଲେଖ୍ୟକୁ ଭିତ୍ତି କରି ନାରୀ ଜୀବନର ବାସ୍ତବତାକୁ ରୂପାୟିତ କରାଯାଇଛି 'ଯାଜ୍ଞସେନୀ' ଉପନ୍ୟାସରେ। ଦେବୀ ନୁହେଁ ବରଂ ମର୍ତ୍ତ୍ୟମାନବୀର କାହାଣୀ ଭାବରେ ନାରୀର ଅସହାୟ-ଦୁଃଖ-ଦୈନ୍ୟକୁ ଉପସ୍ଥାପିତ କରିଛନ୍ତି ଲେଖିକା। କୃଷ୍ଣାଙ୍କର ମାନସିକ ଅଭିଳାଷଗୁଡ଼ିକ ମଧରେ ସାଂପ୍ରତିକ ନାରୀ ଚରିତ୍ରର ସମସ୍ତ କ୍ରିୟା-ପ୍ରତିକ୍ରିୟା ତଥା ପାରିବାରିକ, ସାମାଜିକ, ସାଂସ୍କୃତିକ ଓ ପରାଭୌତିକ ସ୍ଥିତିକୁ ସ୍ୱଷ୍ଟ ଓ ସାର୍ବଜନୀନ ସତ୍ୟ ଭାବରେ ଉପସ୍ଥାପିତ କରାଯାଇଛି। 'ସତୀ ନାରୀ, ଅସତୀ ନାରୀ' ଭଳି 'ସତ୍ୟ ପୁରୁଷ, ଅସତ୍ୟ ପୁରୁଷ' ବୋଲି କାହିଁକି ସମାଜରେ ଅପ୍ରାସଙ୍ଗିକ ତାହା ସେ ସମାଜକୁ ପ୍ରଶ୍ନ କରିଛି।

ଅନୁରୂପ ଭାବରେ ନାରୀକୁ ନେଇ ସମୟର ବ୍ୟବଧାନ ଊର୍ଦ୍ଧ୍ୱରେ ସମାଜରେ ସଂଘଟିତ ଜାତିଭିତ୍ତିକ, ବର୍ଣ୍ଣଭିତ୍ତିକ, ଲିଙ୍ଗଭିତ୍ତିକ ବିଦ୍ୱେଷ ଓ ତଜ୍ଜନିତ ଉତ୍ପୀଡ଼ନ, ସଂଘର୍ଷ ଓ ରକ୍ତପାତ ତଥା ଅହଂବାଦୀ ପୁରୁଷ କର୍ତ୍ତୃକ ନିର୍ଯ୍ୟାତନା 'ମହାମୋହ' ଉପନ୍ୟାସର ସାର୍ବକାଳୀକ ବାସ୍ତବତାକୁ ପ୍ରକାଶ କରିବାରେ ସଫଳ ହୋଇଛି। (୭) ଅହଲ୍ୟାଙ୍କ ଉକ୍ତିରେ – " ମୋର ଅନ୍ତରାତ୍ମା ବିଦ୍ରୋହ କରେ ସମାଜର ଅନ୍ଧ ବିଚାର ବିରୋଧରେ । ବ୍ରାହ୍ମଣ ବ୍ରାହ୍ମଣେତର ଜାତି (ଶୁଦ୍ରକୁ ମଧ) ବିବାହ କରିପାରିବ । ମାତ୍ର ତା'ର ଔରସଜାତ ସନ୍ତାନ ବ୍ରାହ୍ମଣର ମର୍ଯ୍ୟାଦା ପାଇପାରିବନି । ବ୍ରାହ୍ମଣର ସମସ୍ତ ମହିମାରେ ବିଭୂଷିତ ହେଲେ ମଧ ସେ ଦାସପୁତ୍ର, ନିନ୍ଦିତ, ଲାଞ୍ଛିତ, ନିମ୍ନବର୍ଗୀଭୂତ ! " (୮) ଏଠାରେ ନାରୀ ମନର ସଂଗୁପ୍ତ ବୈପ୍ଳବିକ ଚେତନାଟି ସମାଜକୁ ପ୍ରଶ୍ନ କରିଛି ଏବଂ ପାଠକକୁ ସଚେତନ କରାଇଛି ସମାଜର ଅନ୍ୟାୟ ସଂପର୍କରେ ।

ରୋଜାଲି ନନ୍ଦଙ୍କ'ଉର୍ମିଳା'(୧୯୯୧) 'କର୍ଣ୍ଣ'(୧୯୯୮) ଉପନ୍ୟାସ ଦ୍ୱୟରେ ଜଣେ ବାସ୍ତବରେ ଆପଣା ସର୍ବସ୍ୱ ସୁଖ, ଦାମ୍ପତ୍ୟ ପ୍ରେମକୁ ତ୍ୟାଗ କରି ମଧ ପୁରାଣର ମୁଖ୍ୟ ଚରିତ୍ରମାନଙ୍କ ମଧରେ କେଉଁଠି ହଜି ଯାଇଛି ତ ଆଉ ଜଣେ କୌଣସି ଦୋଷ ନଥାଇ ମଧ ସମଗ୍ର ଜୀବନ ବିତେଇଛି ଲଜ୍ୟା, ଘୃଣା, କଟାକ୍ଷ ଓ ଅପମାନକୁ ସହ୍ୟ କରି। ଉଭୟ ପରିସ୍ଥିତିର ଦାୟରେ ଅନ୍ୟାୟର ଶିକାର ହୋଇଥିଲେ ମଧ ପୁରାଣ କାର ତଥା ଜନ ସମାଜରେ ଅନାଲୋଚିତ। ଲୋକ ଲୋଚନରେ ଅଜ୍ଞାତ ସେମାନଙ୍କର ଜୀବନପଞ୍ଜୀ। ରାମାୟଣରେ ସୀତାଙ୍କର ତ୍ୟାଗର ପାତବ୍ରତ୍ୟ ଧର୍ମର ଭୁରି ଭୁରି ପ୍ରସଂଶା। ଉର୍ମିଳାଙ୍କ ତ୍ୟାଗ ଓ ବଳିଦାନ ସତେଯେମିତି ସୀତା, ମନ୍ଦୋଦରୀ, କୌଶଲ୍ୟା ଆଦିଙ୍କ ଚରିତ୍ରଗୁଡ଼ିକର ଭାରୀପଣରେ କେଉଁଠି ଅବଦମିତ ହୋଇଯାଇଛି। ସେହିପରି ମହାଭାରତର

ଏକ ବଳିଷ୍ଠ ଚରିତ୍ର ହେଉଛି କର୍ଣ୍ଣ। କର୍ଣ୍ଣ ପରି ସାଂପ୍ରତିକ ସମାଜରେ ଅବୈଧ ସନ୍ତାନଟିଏ କିପରି କିପରି କାଳେ କାଳେ କଟାକ୍ଷ, ଅପମାନ ସହି ନିଜର ସ୍ଥିତି ପ୍ରତି ଘୃଣ୍ୟ ମନୋଭାବ ପୋଷଣ କରିଛି ତାହା 'କର୍ଣ୍ଣ' ଉପନ୍ୟାସରେ ହୋଇଛି ଚିତ୍ରିତ। ଏଠାରେ ମାତୃତ୍ୱର ଅଧିକାର ପୁରୁଷର ନିୟନ୍ତ୍ରଣ ଭିତରେ ହୋଇଛି ଅବହେଳିତ, ଯେଉଁଥିପାଇଁ କର୍ଣ୍ଣ ପରି ଅନେକ ଶିଶୁ ନିଜର ଜୀବନ ବିତାଇବାକୁ ବାଧ୍ୟ ହୁଅନ୍ତି ସମାଜରେ ବିନା ପରିଚୟରେ। ଉପନ୍ୟାସରେ ଭରତ ଚରିତ୍ରଟି କର୍ଣ୍ଣର ପ୍ରତିନିଧି ଭାବରେ ପ୍ରଶ୍ନ କରିଛି ସମାଜକୁ ସମାଜର ସେହି ପୁରୁଷମାନଙ୍କୁ ଯେଉଁମାନେ ନାରୀ ଏବଂ ଏହିଭଳି ଅବାଞ୍ଛିତ ସନ୍ତାନମାନଙ୍କୁ ସବୁ ଅପମାନକୁ ସାମ୍ନା କରିବାକୁ ଛାଡ଼ିଦେଇ ସଭ୍ୟ ସମାଜରେ ଆପଣା ପୁରୁଷତ୍ୱର ପରାକାଷ୍ଠା ପ୍ରଦର୍ଶନ କରନ୍ତି।

ବିଜୟିନୀ ଦାସଙ୍କ 'ଦେବଦାସୀ'(୧୯୮୯) ଉପନ୍ୟାସଟି ଜଗନ୍ନାଥ ସଂସ୍କୃତିକୁ ଭିତ୍ତିକରି ରଚିତ। ପ୍ରଭୁ ଜଗନ୍ନାଥଙ୍କ ଛତିଶ ନିଯୋଗରୁ 'ଦେବଦାସୀ' ଗୋଟିଏ ନିଯୋଗ। ପ୍ରଭୁଙ୍କ ଶ୍ରୀ ଜଗନ୍ନାଥଙ୍କର ପତ୍ନୀ। ସେମାନଙ୍କ ସାର୍ଥକ ଓ ବ୍ୟର୍ଥ ଜୀବନ ମଧ୍ୟରେ ଯେଉଁ ହାଇପେନ୍‌ଟିଏ ରହିଯାଇଛି ତାହା ହେଲା ସାମାଜିକ ବିବର୍ତ୍ତନ। ଏ ସମ୍ପର୍କରେ ଲେଖିକା କହନ୍ତି – " ଶ୍ରୀମନ୍ଦିରର ଦେବଦାସୀ ପରମ୍ପରା ଉପରେ ଉପନ୍ୟାସଟି ଆଧାରିତ। ଚରିତ୍ରମାନେ ସମ୍ପୂର୍ଣ୍ଣ କାଳ୍ପନିକ ; କିନ୍ତୁ ଦେବଦାସୀ ତଥା ମାହାରୀମାନଙ୍କ ଜୀବନଧାରା, ବଞ୍ଚିବାର କୌଶଳ, ସାମାଜିକ, ଆର୍ଥନୀତିକ ସ୍ଥିତି ତଥା ଜୀବନ ଦର୍ଶନ ଦର୍ଶାଇବାକୁ ମୁଁ ଚେଷ୍ଟାକରିଛି।" (୯) ପ୍ରଭୁ ଜଗନ୍ନାଥଙ୍କୁ ବିବାହ କରି ନୃତ୍ୟ ସଙ୍ଗୀତ ସେବାରେ ସାତ୍ତ୍ୱିକ ଓ ସମ୍ମାନାସ୍ପଦ ଜୀବନ ବିତେଇ ଦେଇଥିବା ଦେବଦାସୀମାନେ କେତେବେଳେ ଯେ କେଉଁ ଲୋଲୁପ କାମାସକ୍ତ ଦୃଷ୍ଟିର ଶିକାର ହୋଇ କିମ୍ବା ଆପଣାର ଦେହ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ସେବକମାନଙ୍କର ଭୋଗ୍ୟା ପାଲଟିଗଲେ ତା'ର ହିସାବ କେହି ରଖିନି। ପତିତା ପାଲଟି ଯାଇଥିବା ଏହି ନାରୀ ମାନଙ୍କ ପାଇଁ ସମାଜପତିମାନେ ତୁଣ୍ଡ ଖୋଲିଲେ ନାହିଁ, ପତିତପାବନ ନାମ ବୋଲାଉଥିବା ଠାକୁରଙ୍କ ସେବା ମଧ୍ୟ ସେମାନଙ୍କ ପାଇଁ ନିଶିଦ୍ଧ ହୋଇଗଲା। ଶେଷରେ ତରୁଣ ଶେଷ ପିଢିର ଦେବଦାସୀ ଏହି ଅନ୍ୟାୟ ପ୍ରତି ତୁଣ୍ଡ ଖୋଲିଛି। ଉପନ୍ୟାସରେ ମୁକ୍ତା ମାହାରୀ ଏହାର ପ୍ରତିନିଧିତ୍ୱ କରେ। ଭଗବତ୍ ଭାବନାରେ ନିଜକୁ ତଲ୍ଲୀନ କରି ସମଗ୍ର ଜୀବନକୁ ଉତ୍ସର୍ଗୀକୃତ କରିଥିବା ଦେବଦାସୀ ମୁକ୍ତାମାହାରୀ ମନରେ ଜାଗତିକ ଜୀବନ ଓ ଦେବଦାସୀ ଜୀବନ ମଧ୍ୟରେ ବହୁବାର ସଂଘର୍ଷ ଘଟିଛି। ମନ୍ଦିରର ଅନ୍ଧାରୀ ଇଲାକାରେ ହେଉଥିବା କାର୍ଯ୍ୟକଳାପ ପ୍ରତି ସଦା ବିମୁଖ ମନ ତା'ର ପ୍ରତିବାଦ କରିଛି । ତତ୍‌କାଳୀନ ଓଡ଼ିଶାର କୃଷକ ଆନ୍ଦୋଳନର ପ୍ରବକ୍ତା ନରୋତ୍ତମକୁ ନିଜ ଗୃହରେ ସ୍ଥାନ ଦେଇ ମୁକ୍ତା ଜାତୀୟତାବୋଧର ପରିଚୟ ଦେଇଛି। ପରିଶେଷରେ ପାଳିତା କନ୍ୟା ମାୟାକୁ ଦେବଦାସୀତ୍ୱରୁ ମୁକ୍ତ କରି ସାଂସାରିକ ଜୀବନଯାପନ କରିବା ସହିତ ନାରୀ କଲ୍ୟାଣ ପାଇଁ ପ୍ରବର୍ତ୍ତାଇଛି ଏବଂ ସ୍ୱୟଂ ଦେଶ ସେବା ଓ ଭଗବତ୍ ଆରାଧନାରେ ନିଜକୁ ଉତ୍ସର୍ଗ କରିଛି। ଦେବଦାସୀ ଉପନ୍ୟାସଟି ଜଗନ୍ନାଥ ସଂସ୍କୃତି କେନ୍ଦ୍ରିତ ହୋଇଥିଲେ ମଧ୍ୟ ନାରମୁକ୍ତିର ସ୍ୱର ସ୍ପଷ୍ଟ ଭାବରେ ଅନୁରଣିତ ହୋଇଛି।

ମମତାମୟୀ ଚୌଧୁରୀଙ୍କ 'ବୈଶ୍ରବଣୀ'(୨୦୦୯) ରାମାୟଣର ଏପରି ଏକ ଚରିତ୍ର ଯାହା କାଳ କାଳ ଧରି ସମାଜରେ ନାରୀ ପୁରୁଷ ନିର୍ବିଶେଷରେ ସଭିଙ୍କ ଆଖିରେ ଗୋଟିଏ ଅପକର୍ମା, କର୍ମଫଳ ଭୋଗ୍ୟା ଦାନବୀ ଭାବରେ ସମ୍ବୋଧିତ ହୋଇ ଆସିଛି। ରାମଲୀଳାରେ ବିଶ୍ରବା ନନ୍ଦିନୀ ସୂର୍ପଣଖାକୁ ଏପରି ଭାବରେ ସଜ୍ଜିତ ଓ ଚିତ୍ରିତ କରାଯାଇଥାଏ ଯେ ସେ ଗୋଟିଏ ନାରୀ ନୁହେଁ ବରଂ ଆବାଳ ବୃଦ୍ଧ ବନିତାଙ୍କ ପାଇଁ କୌତୁକ-ପ୍ରଦାନକାରୀ ନଟୀ ହୋଇଯାଏ। କୌଣସି ନାରୀକୁ ସୂର୍ପଣଖା ସମ୍ବୋଧନ କଲେ ସେ ନିଜକୁ ବଡ଼ କୁରୂପୀ ତଥା ଅପମାନିତ ବୋଧ କରେ। ମମତାଙ୍କ ଉପନ୍ୟାସରେ ପ୍ରଥମ କରି ସେ ସୂର୍ପଣଖାରୁ ବିଶ୍ରବା ନନ୍ଦିନୀ ବୈଶ୍ରବଣୀ ଭାବରେ ପରିଚିତା ହୋଇଛି। ସମୀକ୍ଷକଙ୍କ ଭାଷାରେ - ପ୍ରଥମ ପର୍ଯ୍ୟାୟରେ ସୂର୍ପଣଖା ହୋଇଯାଇଛି ଗୋଟାଏ ନିର୍ଦ୍ଦିଷ୍ଟ ସମାଜ, ଦ୍ୱିତୀୟରେ ନିର୍ଦ୍ଦିଷ୍ଟ ସଂପ୍ରଦାୟ, ତୃତୀୟରେ ସେ ନିର୍ଦ୍ଦିଷ୍ଟ ବ୍ୟକ୍ତିଟିଏ। ତା'ର ବ୍ୟକ୍ତିସତ୍ତା ଅସମ୍ଭବ ଭାବରେ ବଳଶାଳୀ ହୋଇଉଠିଛି। ସେ ଏକଥା ଜାଣିସାରିଛି ଯେ ଯେମିତି ସମାଜର କିଛି ବିଧିବଦ୍ଧ ଅସ୍ତିତ୍ୱ ନାହିଁ ସେହିପରି ସଂପ୍ରଦାୟ(ନାରୀ)ର ନିର୍ଦ୍ଦିଷ୍ଟ ପରିଚୟ କିଛି ନାହିଁ। ଏଣୁ ତାକୁ ହେବାକୁ ପଡ଼ିଛି ବ୍ୟକ୍ତିଟିଏ।(୧୦) ଉପନ୍ୟାସରେ ଯେତେବେଳେ ରାମଚନ୍ଦ୍ର ବୈଶ୍ରବଣୀକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ସେତେବେଳେ ଗୋଟିଏ ନାରୀର ଅଭିମାନ ପ୍ରତି, ତା'ର ସ୍ୱାଭିମାନ ପ୍ରତି ଗଭୀର କୁଠାରଘାତ ହୋଇଛି। ଏହି କ୍ଷତାକ୍ତ ହୃଦୟରେ ସେ କହିଛି – "ଅହଲ୍ୟାକୁ ପାଦରେ ଛୁଇଁ ତ ତମେ ଜଗତକୁ ଜଣାଇ ସାରିଛ ଯେ ନାରୀର ସ୍ଥାନ ପୁରୁଷର ପାଦ ତଳେ। ବର୍ତ୍ତମାନ ନାରୀକୁ ଯୁଦ୍ଧର ସୂତ୍ରପାତ ଭାବରେ ବ୍ୟବହାର କରିବାର ପରମ୍ପରା ବି ତମଠୁ ସୃଷ୍ଟି ହେବ। ରାମ ହେଉ ବା ରାବଣ, ନାରୀକୁ ବ୍ୟବହାର କରିଛି ପୁରୁଷ। ଯୋଜନା ଓ ଯୁଦ୍ଧର ପଣରେ ବଳି ପଡ଼ିଛି ନାରୀର ମନ, ପ୍ରାଣ, ଶରୀର।" (୧୧)ଉପନ୍ୟାସରେ ସୂର୍ପଣଖାର ସୁପ୍ତ ଇସ୍ତାହାର କେବଳ ଗୋଟିଏ ଚରିତ୍ର ବା ଦାନବୀ ଅଥବା ଅପମାନିତା ନାରୀର ନୁହେଁ; ବରଂ ଏହା ସମସ୍ତ ନାରୀଙ୍କର ହୃଦୟର ଅବଦମିତ ସ୍ୱର। ମିଥ୍‌ର ପୁନର୍ମୂଲ୍ୟାୟନ ମାଧ୍ୟମରେ ରାମ ରୂପୀ, ଲକ୍ଷ୍ମଣ ରୂପୀ ପୁରୁଷର ପରାକାଷ୍ଠା ପ୍ରତି କଟାକ୍ଷ ମଧ୍ୟ।

ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ରଚନା କରିଛନ୍ତି ଛଅ ଖଣ୍ଡ ପୁରାଣ ଆଧାରିତ ଉପନ୍ୟାସ। ପିତାମହ ଭୀଷ୍ମ(୧୯୯୮), ନିଭୃତ ସଂଳାପ:ମୈଥିଳୀ(୨୦୦୩), ମହାନାୟକ ଶ୍ରୀକୃଷ୍ଣ(୨୦୦୪), କୁନ୍ତୀପୁତ୍ର(୨୦୦୭), ନିଃଶବ୍ଦ ବସନ୍ତ : ଉତ୍ତରା(୨୦୦୮), ଏବଂ ଦ୍ରୋଣ(୨୦୦୮)। ଏ ସମସ୍ତ ଉପନ୍ୟାସରେ ଭୀଷ୍ମ, କୃଷ୍ଣ, କର୍ଣ୍ଣ, ଉତ୍ତରା, ସୀତା, ଆଦି ଚରିତ୍ରମାନଙ୍କ ମାନସ ମନ୍ଥନର ପ୍ରୟାସ ସୁସ୍ପଷ୍ଟ। ମିଥିଳା ରାଜନନ୍ଦିନୀ ମୈଥିଳୀ ପତିବ୍ରତା, ତ୍ୟାଗ, ଚରିତ୍ର ସୂଚିତା ଆଦି ସମାଜ ସୃଷ୍ଟ ରୂଢ଼ିବାଦୀ ମାନସିକତାର ଅର୍ଗଳିକୁ ମଥାପାତି କର୍ତ୍ତବ୍ୟ ଭାବରେ ସମ୍ପାଦନ କରିଥିଲେ ମଧ୍ୟ ତାଙ୍କ ହୃଧୟର ନିଭୃତ କୋଠରୀ କନ୍ଦରରୁ ନାରୀର ହାହାକାର ଗୋପନ ସଂଳାପ ସୃଷ୍ଟି ହୋଇଛି। ଲେଖିକା ନାରୀ ମନର ସେହି ଅବଦମିତ ଭାଷାକୁ ପ୍ରକାଶ କରିଛନ୍ତି ସୀତା, ଉତ୍ତରାଙ୍କ ଚରିତ୍ର ମାଧ୍ୟମରେ। ପ୍ରକାଶ୍ୟରେ ବିଦ୍ରୋହିଣୀ ନହେଲେ ବି ତାଙ୍କ ଉପନ୍ୟାସରେ ଦୌପଦୀ, କୁନ୍ତୀ,

ଗାନ୍ଧାରୀ, ସତ୍ୟବତୀ, ରେଣୁକା, ମନ୍ଦୋଦରୀ ପ୍ରଭୃତି ନାୟିକାଗଣଙ୍କ ଭାଷାରେ ଅନ୍ତର୍ଦାହର ଏକ ଉହ୍ୟ ବିରୋଧାଭାଷ ଲକ୍ଷ୍ୟ କରାଯାଏ।

ଶାନ୍ତି ମହାପାତ୍ର(ବଳ) ରଚନା କରିଛନ୍ତି ଦେବଯାନୀ (୧୯୯୪), ମୁଁ କୈକେୟୀ କହୁଛି (୨୦୦୦), ଉର୍ବଶୀ: ଏକ ଦୀର୍ଘଶ୍ୱାସ (୨୦୦୩) ଉପନ୍ୟାସ । ଏସମସ୍ତ ଉପନ୍ୟାସ ପୁରାଣ ଆଧାରିତ ହୋଇଥିଲାବେଳେ ପୁରାଣ, କିମ୍ବଦନ୍ତୀ ତଥା ପାରଂପରିକ ପ୍ରଥା ପରି ଇତିହାସ ପୃଷ୍ଠାରେ ବର୍ଣ୍ଣିତ ନାରୀର ଜୀବନ ଦୃଷ୍ଟିକୁ ଉପନ୍ୟାସରେ ଚିତ୍ରିତ କରି ସେ ରଚନା କରିଛନ୍ତି - ବୁଦ୍ଧଂ ଶରଣଂ ଗଚ୍ଛାମି (୧୯୬୮), ବେଗମ୍ ନୁର୍‌ଜାହାନ୍ (୧୯୭୭), ଆମ୍ରପଲୀ (୧୯୮୩), ସୁଲତାନ ଆଲାଉଦ୍ଦିନ୍ (୧୯୯୦), ସ୍ୱାଧୀନତାର ଶେଷ ସୂର୍ଯ୍ୟ (୧୯୯୬), ନିର୍ବାସିତ ବାଦ୍‌ଶା (୨୦୦୬) ଇତ୍ୟାଦି ଐତିହାସିକ ଉପନ୍ୟାସ। କାଳଗର୍ଭରେ ଲୀନ, ବିଲୁପ୍ତ, ବିସ୍ମୃତ ଘଟଣାବଳୀ, ଚରିତ୍ରମାନଙ୍କୁ ଲୋକଲୋଚନକୁ ଆଣିବା ସହିତ ଇତିହାସର ଗର୍ଭରେ ନାରୀ ସତ୍ତାର ପରିସ୍ଥିତିକୁ ମଧ୍ୟ ବିଶ୍ଳେଷଣ କରିଛନ୍ତି।

ଓଡ଼ିଆ ସାହିତ୍ୟରେ ୧୯୮୦ ପରବର୍ତ୍ତୀ କାଳରେ ଲେଖିକାଗଣ ସେମାନଙ୍କ ଉପନ୍ୟାସରେ ନାରୀର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଛନ୍ତି। ନାରୀ ଅନ୍ତର୍ମନର ଗୋପନ ଭାବ-ଭାବନାର ଉନ୍ମୀଳନ ପୂର୍ବକ ସେମାନଙ୍କ ଇଚ୍ଛା, ଆକାଙ୍‌କ୍ଷା ତଥା ଅସ୍ତିତ୍ୱ ସଂପର୍କରେ ଦାବି ଉପସ୍ଥାପନ କରିଛନ୍ତି। କାରଣ ଉତ୍ତର ଅଶୀ କାଳରେ ହିଁ ବିଶ୍ୱ ସ୍ତରରେ ନାରୀ ପୂର୍ବରୁ ସାମ୍ନା କରୁଥିବା ସବୁ ପ୍ରକାରର ସମସ୍ୟାରୁ ଉର୍ଦ୍ଧ୍ୱକୁ ଆସିପାରିବାକୁ ସମର୍ଥ ହୋଇଛି। ଏଥି ସହିତ ମିଥ୍‌ର ପୂନର୍ମୂଲ୍ୟାୟନ ମାଧ୍ୟମରେ ପୌରାଣିକ ନାରୀ ଚରିତ୍ର ଚିତ୍ରଣ ପଛରେ ରହିଥିବା ପୁରୁଷ ତାନ୍ତ୍ରିକ ସମାଜର ଲିଙ୍ଗ ରାଜନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନାରୀ ବିମର୍ଶକୁ ନୂତନ ଏକ ଦିଶା ଦେବାରେ ଅନେକାଂଶରେ ସଫଳ ହୋଇଛନ୍ତି, ଏ ସମୟର ଲେଖିକାଗଣ ।

## ସହାୟକ ଗ୍ରନ୍ଥସୂଚୀ:


୧. ତ୍ରିପାଠୀ, ଶଶୀକଳା, "ଉତ୍ତରଶତୀ କେ ଉପନ୍ୟାସ ମେଁ ସ୍ତ୍ରୀ", ବାରାଣସୀ, ବିଶ୍ୱବିଦ୍ୟାଳୟ ପ୍ରକାଶନ,୨୦୦୬, ପୃ. ୦୧।

୨. ଅଗ୍ରୱାଲ, ରୋହିଣୀ, "ସାହିତ୍ୟ କେ ଜମୀନ ଔର ସ୍ତ୍ରୀ ମନକେ ଉଚ୍ଛ୍ୱାସ", ନୂଆଦିଲ୍ଲୀ, ବାଣୀ ପ୍ରକାଶନ, ୨୦୧୪, ପୃ.୧୧-୧୨।

୩. Bagchi, Jashodhara. Indian Women: Myth and Reality, Hyderabad: Sangam Books Ltd, 1995. Page: 04.

୪. ଦେବୀ,ସରଳା, "ନାରୀ ଜଗତ", କଟକ, ହିନ୍ଦୁସ୍ଥାନ ସାହିତ୍ୟ ମନ୍ଦିର, ୧୯୩୫, ପୃ.୫୨।

୫. ପଟ୍ଟନାୟକ, କଇଳାଶ। "ଅପାଂକ୍ତେୟ ଉପଳରୁ ଉତ୍‌ଥିତ ଅହଲ୍ୟା", 'ସୃଜନୀ' ସମ୍ପାଦନା: ଅନାଦି ଚରଣ ରାଉତ; ବାଲେଶ୍ୱର, ଖଇରା ମହାବିଦ୍ୟାଳୟ,୨୦୧୫-୧୬,ପୃ. ୧୦।

୬. ଦାସ, ନଗେନ କୁମାର, "ବାମାବାଦ ଓ ଅନ୍ୟାନ୍ୟ ପ୍ରବନ୍ଧ", ଓଡ଼ିଆ ଲେଖିକାଙ୍କ ମିଥ୍ ଓ ବିଜ୍ଞାନଭିତ୍ତିକ ଉପନ୍ୟାସରେ ବାମାବାଦୀ ଚେତନା, କଟକ, ଅଗ୍ରଦୂତ,୨୦୧୫,୨୪ ।

୭. ରଥ, ଉଷାରାଣୀ, "ପ୍ରତିଭା ରାୟଙ୍କ ଉପନ୍ୟାସରେ ନାରୀ ଚରିତ୍ର", ଭୁବନେଶ୍ୱର, ସାହିତ୍ୟ ଶ୍ୱେତପଦ୍ମ, ୨୦୧୦, ପୃ. ୩୫ ।

୮. ରାୟ, ପ୍ରତିଭା, "ମହାମୋହ", କଟକ, ଆଦ୍ୟା ପ୍ରକାଶନୀ, ୧୯୯୭, ପୃ.୧୫୨ ।

୯. ଦାସ, ବିଜୟିନୀ, "ଦେବଦାସୀ", କଟକ, ନାଳନ୍ଦା,୧୯୮୯, ପ୍ରାକ୍ କଥନ ।

୧୦.ଚୌଧୁରୀ, ମମତାମୟୀ, "ବୈଶ୍ରବଣୀ" କଟକ, ନବଦିଗନ୍ତ, ୨୦୦୯, ପୃ. ୧୦ ।

୧୧. ଚୌଧୁରୀ, ମମତାମୟୀ, "ବୈଶ୍ରବଣୀ", କଟକ, ନବଦିଗନ୍ତ, ପୃ-୧୧୦ ।